# Akashvani, Sambalpur

## SAMBALPURI NEWS EVENING BULLETIN

## 21 March 2025- 7.02 pm- 7.12 pm.

**********************************************

୧- ରାଜ୍ୟ କେବିନେଟ୍ ବୈଠକ୍‌ଥି ୭ଟା ବିଭାଗ୍‌ର ୧୦ଟା ପ୍ରସ୍ତାବ୍‌କେ ମିଲ୍‌ଲା ମଞ୍ଜୁରୀ ।

୨- ଜଲ୍‌ସମ୍ପଦ୍ ବିଭାଗ୍‌ର ୧୪ ହଜାର୍ ୮ ଶହ କୋଟି ନୁ ଅଏତ୍‌କା ଟଙ୍କାର୍ ଖର୍ଚ୍ଚା ଦାବି ଉପ୍‌ରେ ବିଧାନ୍‌ସଭା ନ ଚାଲିଛେ ଆଲୋଚନା ।

୩- ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଏଲେ ଜଷ୍ଟିସ୍ ହରିଶ୍ ଟଣ୍ଡନ ।

ଆଉର୍

୪- ଜଙ୍ଗଲ୍ ଆଉ ଖାଦ୍ୟ ସୁରକ୍ଷା ବାର୍ତା ନେଇକରି ଆଏଜ୍ ସାରା ରାଏଜେ ପାଲନ୍ କରାଯାଉଛେ ବିଶ୍ୱ ବନ ଦିବସ୍ ।

କେବିନେଟ୍ I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ରାଜ୍ୟ କେବିନେଟ୍ ବୈଠକ୍‌ଥି ୭ ଟା ବିଭାଗ୍‌ର ୧୦ ଟା ପ୍ରସ୍ତାବ୍‌କେ ମଞ୍ଜୁରୀ

ମିଲିଛେ ବଲି ବିଧାନ୍‌ସଭା ନ ସୂଚ୍‌ନା ଦେଇଛନ୍ । ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ର ୨ ନମ୍ବର୍ ଖେପର୍ ୧୦ ନମ୍ବର୍ ଦିନେ ଆଏଜ୍ ଉପର୍‌ବେଲା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଇ ବାବ୍‌ଦେ ସୂଚ୍‌ନା ଦେଇକରି  କହିଛନ୍, ଆୟୁଷ୍ମାନ୍ ଭାରତ୍ ଜନଆରୋଗ୍ୟ ଯୋଜ୍‌ନା, ଗୋପବନ୍ଧୁ ଜନଆରୋଗ୍ୟ ଯୋଜ୍‌ନା ଆଉ ଆୟୁଷ୍ମାନ୍ ବୟୋବନ୍ଦନା ଯୋଜ୍‌ନାକେ ରାଏଜେ ଲାଗୁ କରାଯିବା । ଇ ବାବ୍‌ଦେ ଆଏବା ୫ ବଛ୍‌ରେ ୨୭ ହଜାର୍ ୧୯ କୋଟି ୨୫ ଲାଖ୍ ଟଙ୍କାର୍ ବ୍ୟୟ ବରାଦ୍‌କେ କେବିନେଟ୍‌ର ମୋହର୍ ମିଲିଛେ । ଖଣି ଇଲାକାମାନ୍‌କର୍ ଜିଲ୍ଲା ଖଣିଜ ଫାଉଣ୍ଡେସନ୍ ପାଣ୍ଠି ଡିଏମ୍‌ଏଫ୍ ବାବଦ୍ ସଂଶୋଧନ୍‌କେ କେବିନେଟ୍‌ର ମୋହର୍ ମିଲିଛେ । ସେନ୍ତା ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫ ପ୍ରସ୍ତାବ୍, ଓଡ଼ିଶା ରାଜ୍ୟ ରାଜପଥ ବିଲ୍ - ୨୦୨୫, ବିକଶିତ୍ ଗାଁ ବିକଶିତ୍ ଓଡ଼ିଶା କାର୍ଯ୍ୟକ୍ରମ୍‌କେ ବ୍ୟାପକ୍ କର୍‌ବାର୍, ଓଡ଼ିଶା ରାଜସ୍ୱ ସେବା, ଗ୍ରୁପ୍-ବି ନିୟମାବଳୀ ଆଉ ପାଠ୍‌ପଢ଼ା ସଂଶୋଧନ୍ ଆଇନ୍‌କେ କେବିନେଟ୍ ମୋହର୍ ମିଲିଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇତାର୍‌ସହେତେ ଜଲ୍‌ସମ୍ପଦ୍ ବିଭାଗ୍ ଇସ୍ପାତ୍, ପଂଚାୟତିରାଜ୍ ଆଉ ପାନୀୟଜଳ ବାଗିର୍ ବିଭାଗ୍‌ର ଭିନ୍ ଭିନ୍ ପ୍ରସ୍ତାବ୍‌କେ କେବିନେଟ୍ ମଞ୍ଜୁରୀ ମିଲିଛେ ବଲି ଭିଲ୍ ମୁଖ୍ୟମନ୍ତ୍ରୀ କହିଛନ୍ ।

ବିଧାନ୍‌ସଭା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ଆଏଜ୍ ବିଧାନ୍‌ସଭା ମୁଲ୍ ହଉନ୍‌ସାର୍ ବିରୋଧୀ କଂଗ୍ରେସ୍ ସଦସ୍ୟ ମାନ୍‌କର୍ କିର୍ଲାଗଗା ଲାଗି ବାର୍‌ବାର୍ ଗୃହ ମୁଲ୍‌ତବୀ ହେଇଥିଲା । ନାରୀ ସୁରକ୍ଷା ଆଉ ଆଇନ୍ ଶୃଙ୍ଖଲା ବିଷେଥି ଗୃହ କମିଟି ଗଠନ୍ ଦାବିଥି କଂଗ୍ରେସ୍ ବିଧାୟକ୍‌ମାନେ ଆଏଜ୍ ଫେର୍‌ଘାଏ ଗୃହ ନ ହୋହଲ୍ଲା କର୍‌ବାର୍‌ନୁ ସକାଲ୍‌ବେଲା ଗୃହ ନାଇଁ ଚାଲିପାରି । ସେନ୍ତା ବିଜେଡ଼ି ସଦସ୍ୟମାନେ ଭିଲ୍ ଗୃହର୍ ମଝାକେ ଆସିକରି ଗଣମାଧ୍ୟମ୍‌କେ ଫଟୋ ଉଠାବାର୍ ସ୍ୱାଧୀନତା ଦେବାର୍ ଲାଗି ବାଚସ୍ପତିଙ୍କର୍ ଠାନେ ଦାବି କରିକରି ହୋହଲ୍ଲା କରିଥିଲେ । ବିରୋଧୀ ସଦସ୍ୟଙ୍କର୍ କିର୍ଲାଗଗା ଲାଗି ଆଏଜ୍ ଗୃହ ଥର୍‌ଥର୍ କରି ୪ ବଜେତକ୍ ମୁଲ୍‌ତବୀ ହେଇଥିଲା ।

ଜଲ୍‌ସମ୍ପଦ୍ ବିଭାଗ-ଖର୍ଚ୍ଚ ଦାବି ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ନ ଆଏଜ୍ ବେଲ୍‌ବୁଡ଼େ ଜଲ୍‌ସମ୍ପଦ୍ ବିଭାଗ୍‌ର ୧୪ ହଜାର୍ ୮ ଶହ କୋଟି ନୁ ଅଏତ୍‌କା ଟଙ୍କାର୍ ଖର୍ଚ୍ଚା ଦାବି ଉପସ୍ଥାପନ୍ ହେଇଛେ । ଖବର୍ ଲେଖାହେବାର୍ ତକ୍ ବିଭାଗୀୟ ମନ୍ତ୍ରୀ ଦାବି ଉପ୍‌ରେ ଆଲୋଚନା ଜାରି ରଖିଛନ୍ ।

ହାଇକୋର୍ଟ ନୂଆ ମୁଖ୍ୟ ବିଚାରପତି       ହି.ସ.

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ - ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ହରିଶ୍ ଟଣ୍ଡନଙ୍କୁ ନିଯୁକ୍ତି ଦେଇଛନ୍ । ଇ ବାବ୍‌ଦେ ଆଇନ୍ ମନ୍ତ୍ରଣାଳୟ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଜଷ୍ଟିସ୍ ଟଣ୍ଡନ୍ ଇହାଦେ କୋଲ୍‌କାତା ହାଇକୋର୍ଟର ବିଚାର୍‌ପତି ଭାବେ ଦାୟିତ୍ୱ ତୁଲଉଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାର୍‌ପତି ଜଷ୍ଟିସ୍ ଅରିନ୍ଦମ୍ ସିହ୍ନାଙ୍କର୍ ଆହ୍ଲାବାଦ୍ ହାଇକୋର୍ଟକେ ବଦ୍‌ଲି ହେଇଛେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି       ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ଆଏବା ୨୪ ତାରିଖ୍ ସୋମ୍‌ବାର୍ ଦିନ ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ବନ୍ଦ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଏମ୍ବୁଲେନ୍ସ- ସ୍ୱାସ୍ଥ୍ୟମନ୍ତ୍ରୀ       ଏକ୍ସ

ରାଏଜେ ୧୦୮ ଆମ୍ବୁଲାନ୍ସ ସେବା ସଙ୍ଗେ ୧୦୯ ଆମ୍ବୁଲାନ୍ସ ସେବା ମୁଲ୍ କରାଯିବା ବଲି ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ ମହାଲିଙ୍ଗ ସୂଚ୍ନା ଦେଇଛନ୍ । ଇ ନୂଆ ଆମ୍ବୁଲାନ୍ସ ସେବା ଡାକ୍ତାରଖାନାନ ମାହାଲିଆ ମୃତଦେହ ଘର୍କେ ପୁହୁଁଚୁବା ବଲି ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ସାମାଜିକ୍ ଗଣମାଧ୍ୟମ ଜରିଏ ସୂଚ୍ନା ଦେଇଛନ୍ ।

ବିଶ୍ୱ ବନ ଦିବସ୍ ବଲାଙ୍ଗିର୍/ ନୂଆପଡ଼ା/ ସମ୍ବଲ୍ପୁର୍/ ବର୍ଗଡ଼୍/ ସୁବର୍ଣ୍ଣପୁର

'ଜଙ୍ଗଲ ଆଉ ଖାଦ୍ୟ' ମାନେ ଜଙ୍ଗଲ୍ ଆଉ ବିଶ୍ୱ ଖାଦ୍ୟ ସୁରକ୍ଷା ଭିତ୍ରେ ରହିଥିବା ଗହୀର୍ ସମ୍ପର୍କକେ ବୁଝାଯାଏସି । ଇ ବାର୍ତାକେ ନେଇକରି ଆଏଜ୍ ସାରା ପୁତ୍ଥି ନ ବିଶ୍ୱ ବନ ଦିବସ୍ ପାଲନ୍ କରାଯାଉଛେ । ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ ସମ୍ମିଲନୀ କକ୍ଷ ଠାନେ ଆଏଜ୍ ହେଇଥିବା ରାଜ୍ୟସ୍ତରୀୟ ବିଶ୍ୱ ବନ ଦିବସ୍ ସମାରୋହଥି ଜଙ୍ଗଲ୍ ଆଉ ପରିବେଶ୍ ମନ୍ତ୍ରୀ ଗଣେଶ୍ ରାମ୍ ସିଂ ଖୁଂଟିଆ ଯୋଗ୍ ଦେଇକରି ଜଙ୍ଗଲ୍ ସୁରକ୍ଷା ବାବ୍ଦେ ସମ୍କୁ ସଚେତନ୍ ରହେବାର୍କେ ଆହ୍ୱାନ୍ ଦେଇଛନ୍ । ଇ ଅବ୍ସରେ ବନ ସୁରକ୍ଷା ଦିଗେ ଉଲ୍ଲେଖନୀୟ ଅବଦାନ୍ ଲାଗି ବହୁତ୍ ଲୁକ୍କୁ ସମ୍ମାନିତ୍ କରାଯାଇଥିଲା । ସେଥିର୍ଭିତ୍ରେ ସମ୍ବଲ୍ପୁର୍ ଜିଲ୍ଲା ହୀରାକୁଦ୍ ବନ୍ୟପ୍ରାଣୀ ଡିଭିଜନ୍ର ଫରେଷ୍ଟର୍

ସଞ୍ଜିବ୍ କୁମାର୍ ପଣ୍ଡାଙ୍କୁ ଇ ବଛରର୍ ଶ୍ରେଷ୍ଠ ଫରେଷ୍ଟର୍ ଭାବେ ପୁରସ୍କୃତ୍ କରାଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ଯୁଯୁମୁରା ସଦର୍ ବନାଂଚଲ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ଠାନେ ବିଶ୍ୱ ବନ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଭିନ୍ ଭିନ୍ ବନ ସୁରକ୍ଷା ସମିତିନୁ କର୍ମଚାରୀମାନେ ଯୋଗ୍ ଦେଇଥିଲେ । ଅତିଥିମାନେ ଜଙ୍ଗଲ୍ ସୁରକ୍ଷାକେ ନେଇକରି ସଚେତନ୍ କରିଥିଲେ ।

ବଲାଙ୍ଗିର୍ ଜିଲ୍ଲା ବନଖଣ୍ଡ ସମ୍ମିଲନୀ କକ୍ଷ ଠାନେ ବିଶ୍ୱ ବନ ଦିବସ୍ ପାଲିତ୍ ହେଇଯାଇଛେ । ବନଖଣ୍ଡ ଏସିଏଫ୍ ଜିତେନ୍ଦ୍ର ସାହୁଙ୍କର୍ ସଭାପତିତ୍ୱଥି ଜିଲ୍ଲାପାଲ୍ ଗୌରବ୍ ଶିଓ୍ୱାଜୀ ଇସଲ୍‌ଓ୍ୱାଲ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଜଙ୍ଗଲ୍ ସୁରକ୍ଷିତ୍ ରହେଲେ, ମୁନୁଷ୍ ସୁରକ୍ଷିତ୍ ରହେବେ ବଲି କହିଛନ୍ ।

ବର୍‌ଗଡ୍ ଜିଲ୍ଲା ନ ହେଇଥିବା ଜିଲ୍ଲାସ୍ତରୀୟ ବନଦିବସ୍ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍, ବିଜେପୁର୍ ବିଧାୟକ୍ ସନତ୍ ଗଡ୍‌ତିଆ, ସମ୍ବଲ୍‌ପୁର୍ ଆଂଚଲିକ୍ ବନ ସଂରକ୍ଷଣ୍ ଅଧିକାରୀ ଟି. ଅଶୋକ୍ କୁମାର୍ ଆର୍ ଭିନ୍ ଭିନ୍ ଅଧିକାରୀମାନେ ଯୋଗ୍ ଦେଇକରି ଜଙ୍ଗଲ୍ ସୁରକ୍ଷାକେ ନେଇକରି ଆହ୍ୱାନ୍ ଦେଇଥିଲେ । ଇ ଅବ୍‌ସରେ ବନ ବିଭାଗ୍ ତର୍‌ଫୁ ସହରେ ୫ କିଲୋମିଟର୍‌ର ଗଣଦୌଡ଼ ହେଇଥିଲା । ଇ ଅବ୍‌ସରେ ପରିବେଶ୍ ସୁରକ୍ଷା ଦିଗେ କାମ୍ କରିଥିବା ଲୁକ୍‌କୁ ସମ୍ମାନିତ୍ କରାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ବନବିଭାଗ୍ ତର୍‌ଫୁ ହେଇଥିବା ବନ ଦିବସ୍ କାର୍ଯ୍ୟକ୍ରମ୍‌ଥି ବନଖଣ୍ଡ ଅଧିକାରୀ ମଦନ୍ ଲାଲ୍ ଶର୍ମା

ସଭାପତିତ୍ୱ କରିକରି ଜଲବାୟୁ ପରିବର୍ତ୍ତନ୍, ତାପମାତ୍ରା ବୃଦ୍ଧି ଆଉ ସବୁଜ ପରିବେଶ୍ ତିଆରି କର୍‌ବାର୍‌ଟା ଆଏଜ୍ ଆହ୍ୱାନ୍ ହେଇଛେ ବଲି କହିଛନ୍ । ଇ ଅବ୍‌ସରେ ବନସୁରକ୍ଷା ଦିଗେ ପ୍ରଶଂସନୀୟ କାମ୍ କରିଥିବା ଲୁକ୍‌କୁ ପୁରସ୍କୃତ୍ କରାଯାଇଥିଲା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବନଖଣ୍ଡ ତର୍‌ଫୁ ଜିଲ୍ଲାସ୍ତରୀୟ ବିଶ୍ୱ ବନ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ୪ କିଲୋମିଟର୍‌ର ଗୁଟେ ସାଇକେଲ୍ ରେଲି ହେଇଥିଲା । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଖଡ଼ିଆଲ୍ ବ୍ଲକ୍ ଅଧକ୍ଷା ଯୋଗ୍ ଦେଇକରି ଜଙ୍ଗଲ୍ ଆଉ ପରିବେଶ୍ ସୁରକ୍ଷା ସବୁ ନାଗରିକଙ୍କର୍ ନୈତିକ ଦାୟିତ୍ୱ ବଲି କହିଛନ୍ । ଖଡ଼ିଆଲ୍ ବନଖଣ୍ଡ ଅଧିକାରୀ ଅଜିଜ୍ ଖାନ୍ ଅଧକ୍ଷତା କରିକରି ଲୁକ୍‌କର୍ ସହଭାଗିତା ଆର୍ ସହଯୋଗ୍‌ଥି ଜଙ୍ଗଲ୍, ଜଙ୍ଗଲି ଜନ୍ତୁ ଆର୍ ଜଙ୍ଗଲି ଖାଦ୍ୟର୍ ସୁରକ୍ଷା ହେଇପାର୍‌ବା ବଲି କହିଛନ୍ ।

ସ୍କୁଲ୍ ସଖାଲ୍‌ପଢ଼ା I&PR

ରାଏଜେ ବଢ଼୍‌ତି ଖରାକେ ନଜର୍‌ଥି ରଖିକରି ଆଏଜ୍‌ଠାନୁ ସବୁ ସର୍‌କାରୀ ଆଉ ବେସର୍‌କାରୀ ବିଦ୍ୟାଳୟମାନ୍‌କେ ୧ ନୁ ୧୨ ଶ୍ରେଣୀତକ୍ ସଖାଲ୍‌ପଢ଼ା ମୁଲ୍ ହେଇଛେ । ସଖାଲର୍ ସାଢ଼େ ୬ ନୁ ସାଢ଼େ ୧୦ ବଜେତକ୍ ବିଦ୍ୟାଳୟମାନ୍‌କେ ପାଠ୍‌ପଢ଼ା ହେଉଛେ । ଜିଲ୍ଲାପାଲ୍‌ମାନେ ପାଣିପାଗ ଆର୍ ନିଜର୍ ଇଲାକାର୍ ଖରାର୍ ଥିତିକେ ନଜର୍‌ଥି ରଖିକରି ଦର୍‌କାର୍ ପଡ଼୍‌ଲେ

ବିଦ୍ୟାଳୟମାନ୍‌କର୍ ସମିଆ ବଦ୍‌ଲେଇପାର୍‌ବେ ବଲି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ । ଛାତ୍ରଛାତ୍ରୀମାନ୍‌କୁ ବିଦ୍ୟାଳୟମାନ୍‌କେ ଖରାର୍ ମୁକାବିଲା ଲାଗି ସତର୍କତାମୂଲକ୍ ପରାମର୍ଶ ଦେବାର୍‌କେ ଶିକ୍ଷକ୍‌ମାନ୍‌କୁ କୁହାଯାଇଛେ । ସେନ୍ତା ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ଭିଲ୍ ଖରାର୍ ଲାଗି ସକାଲ୍‌ପଢ଼ା ଆର୍ ପରୀକ୍ଷା କର୍‌ବାର୍‌କେ ଉଚ୍ଚଶିକ୍ଷାନୁଷ୍ଠାନ୍‌ମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ପୁରୀ ରଥ୍‌ଯାତ୍ରା-ପ୍ରସ୍ତୁତି ବୈଠକ୍ ପୁରୀ ସମ୍ବାଦଦାତା

ପୁରୀ ରଥ୍‌ଯାତ୍ରାକେ ଶୃଙ୍ଖଲିତ୍ ଭାବେ ଆୟୋଜନ୍ କର୍‌ବାର୍ ଲାଗି ଆଏଜ୍ ଶ୍ରୀମନ୍ଦିର୍ କାର୍ଯ୍ୟାଳୟ ଠାନେ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀମାନ୍‌କର୍ ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ବୈଠକ୍‌ଥି ରଥକାଠ ଯୁଗାବାର୍, ବସୁଙ୍ଗା ପାଟ, ଚନ୍ଦନ୍ ଆର୍ କତାଦଉଡ଼ି ଯୁଗାବାର୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଯେତ୍‌କି ଦର୍‌କାର୍ ବସୁଙ୍ଗାପାଟ ଆର୍ ଚନ୍ଦନ୍ ମହଜୁଦ୍ ଥିଲା ବେଲେ ରଥଯାତ୍ରା ଆଘୋନୁ ଠିକ୍ ସମିଆଥି ବାକି ରହିଥିବା ରଥକାଠ ଭିଲ୍ ପୁହୁଁଚାବାର୍ ଲାଗି ବନବିଭାଗ୍‌କେ ଦାୟିତ୍ୱ ଦିଆଯାଇଛେ ବଲି ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ବୈଠକ୍ ଉତ୍‌ରୁ ସୂଚ୍‌ନା ଦେଇଛନ୍ ।

ବିଶ୍ୱ କବିତା ଦିବସ୍ ଆର୍‌ଏନ୍‌ୟୁ/ କଟକ୍

କବି ମାନ୍‌କୁ ସମ୍ମାନ୍ ଦେବାର୍, କବିତାକେ ତହଁକାବାର୍ ଲାଗି ଆଏଜ୍ ବିଶ୍ୱ କବିତା ଦିବସ୍ ପାଲନ୍ କରାଯାଉଛେ । ମିଲିତ୍ ଜାତିସଂଘର୍ ଶୈକ୍ଷିକ, ବୈଜ୍ଞାନିକ୍ ଆର୍ ସାଂସ୍କୃତିକ୍ ସଂଗଠନ୍ ୟୁନେସ୍କୋ ତର୍‌ଫୁ ଆଝିରର୍ ଦିନ୍‌କେ ବିଶ୍ୱ କବିତା ଦିବସ୍ ଭାବେ ପାଲନ୍ କର୍‌ବାର୍ ଲାଗି ନିଷ୍ପତି ନିଆଯାଇଥିଲା । ଆଏଜ୍ ଓଡ଼ିଶାର୍ ଭିନ୍ ଭିନ୍ ଜାଗା ନ ଭିଲ୍ ବିଶ୍ୱ କବିତା ଦିବସ୍ ସମାରୋହମାନ୍ ଆୟୋଜନ୍ କରାଯାଉଛେ ।

ଖଡ଼ିଛୁଆ ଆଉ ପ୍ରବେଶ୍ ଉତ୍ସବ       ସମ୍ବଲପୁର୍ ସମ୍ବାଦଦାତା

ଏପ୍ରିଲ୍ ମାସେ ହେବାର୍‌କେ ଥିବା ଶିଶୁବାଟିକାର୍ ଖଡ଼ିଛୁଆ ଆଉ ପ୍ରବେଶ୍ ଉତ୍ସବ୍ ଲାଗି ସମ୍ବଲ୍‌ପୁର୍ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ କମ୍‌ଲିବଜାର୍ ଗୁଆଲାପଡ଼ା ଇଲାକା ନ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ନିମନ୍ତ୍ରଣ୍ ପତ୍ର ବାଂଟ୍‌ବାର୍ କାର୍ଯ୍ୟକ୍ରମ୍ ମୁଳ୍ ହେଇଛେ । ଆଂଚଲିକ୍ ଶିକ୍ଷା ନିର୍ଦ୍ଦେଶକ୍ ବିକାଶ୍ ଚନ୍ଦ୍ର ପ୍ରଧାନ୍, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ଆର୍ ଧନକଉଡ଼ାର୍ ଗୋଷ୍ଠୀ ଶିକ୍ଷା ଅଧିକାରୀ ସେବାଶ୍ରୀ ଭୋଇ ଛୁଆମାନ୍‌କର୍ ଘର୍ ଘର୍ ଯାଇକରି ନିମନ୍ତ୍ରଣ ପତ୍ର ବାଂଟିଛନ୍ ।

ମାଓକେମ୍ପ ଠାବ           ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ଥାନା ଅଧୀନ୍ ପାଟ୍‌ଧରା ଜଙ୍ଗଲ୍ ଭିତ୍‌ରୁ ଆଏଜ୍ ମାଓକେମ୍ପ ଠାବ୍ କରାଯାଇଛେ । ସିଆର୍‌ପିଏଫ୍ ଆର୍ ଡିଭିଏଫ୍ ଜବାନ୍ ମାନେ ମିଶିକରି କମ୍ବିଂ ଅପରେସନ୍ ଚଲେଇଥିଲା ବେଲ୍‌କେ ଦିନର୍ ୧୧ ବଜେ ଜଙ୍ଗଲ୍ ଭିତ୍‌ରର ଛତାପାନି ଗାଁ ପାଖେ ମାଓ କେମ୍ପ୍‌ନୁ ବହୁତ୍‌ଟେ ମାଓ ସାମନ୍ ଜବତ୍ କରିଛନ୍ ବଲି ନୂଆପଡ଼ା ଆରକ୍ଷୀ ଅଧୀକ୍ଷକ ସୂଚ୍‌ନା ଦେଇଛନ୍ ।

ଜଗନ୍ନାଥ ମହୋତ୍ସବ       ସୁବର୍ଣ୍ଣପୁର ସମ୍ବାଦଦାତା

ସୁବର୍ଣ୍ଣପୁର ଜିଲ୍ଲା ତ୍ରିବେଣୀ ସଙ୍ଗମ୍‌ଠାନେ ସ୍ୱର୍ଣ୍ଣପ୍ରୟାଗ୍ ରାମଶ୍ୱେର ପୀଠ ନ ଚାଲିଥିବା ଶ୍ରୀ ଜଗନ୍ନାଥ ମହୋତ୍ସବ୍‌ର୍ ୨ ନମ୍ବର୍ ଦିନେ ଆଏଜ୍ ଶ୍ରଦ୍ଧାଳୁଙ୍କର୍ ଜବର୍ ଭିଡ଼୍ ଲାଗିଥିଲା । ପଂଚକୁଣ୍ଡୀୟ ଯଜ୍ଞ ସଙ୍ଗେ ମାହାପୁରୁଙ୍କର୍ ୩୨ ବେଶ୍ ଆଉ ଶ୍ରଦ୍ଧାଳୁଙ୍କର୍ ବିଷ୍ଣୁ ସହସ୍ରନାମ ପାଠ ସେ ଜାଗା ନ ଆଧ୍ୟାତ୍ମିକ ପରିବେଶ୍ ସୃଷ୍ଟି କରିଛେ ।

ପାଣିପାଗ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟର୍ ବଡ଼ଭାଗୀ ଜାଗା ନ ଆଏବା ୨୪ ଘଂଟା ଭିତ୍‌ରେ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇ ସମିଆଥି ସମ୍ବଲ୍‌ପୁର୍, ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ଝାର୍‌ସୁଗୁଡ଼ା, ଦେବ୍‌ଗଡ଼୍ ସହେତେ ୯ ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସାଙ୍ଗେ ଜବର୍ ବର୍ଷାକେ ନେଇକରି ପାଣିପାଗ୍ କେନ୍ଦ୍ର ଅରେଞ୍ଜ୍ ୱାର୍ଣ୍ଣିଂ ଜାରି କରିଛେ । ସେନ୍ତା ୧୧ ଟା ଜିଲ୍ଲା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛେ । ତାତି ଟିକେ କମିକରି ଆଏଜ୍ ରାଜ୍ୟର୍ ସବୁ ସହରେ ତାପମାତ୍ରା ୪୦ ଡିଗ୍ରୀ ତଲେ ରହିଥିଲା ।